# Akashvani, Sambalpur

## SAMBALPURI NEWS EVENING BULLETIN

**25 January 2025- 8.17 pm- 8.27 pm.**

********************************************

୧- ସାଧାରଣତନ୍ତ୍ର ଦିବସ୍ ଆଘୋନୁ ଆଏଜ୍ ବେଲ୍‌ବୁଡ଼େ ଦେଶ୍‌କେ ସମ୍ବୋଧିତ୍ କଲେ ରାଷ୍ଟ୍ରପତି ।

- ଦେଶେ ଆଏବା କାଏଲ୍ ପାଲନ୍ ହେବା ୭୬ ନମ୍ବର୍ ସାଧାରଣତନ୍ତ୍ର ଦିବସ୍ ।

୨- ଉଲ୍ଲେଖନୀୟ ସେବା ଲାଗି ଓଡ଼ିଶାର୍ ୧୯ ଝନ୍ ପୁଲିସ୍ ଅଧିକାରୀ ପାଏବେ ପଦକ୍ ।

୩- ଭାରତ୍ ପୁର୍‌ଥିର୍ ସର୍ବବୃହତ୍ ଗଣତନ୍ତ୍ର - କହେଲେ ରାଷ୍ଟ୍ରପତି ।

ଆଉର୍

୪- ସୋନ୍‌ପୁର୍ ନ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ ଟୁର୍ଣ୍ଣାମେଂଟର ଆଏବା କାଏଲ୍ ହେବା ଫାଇନାଲ୍ ମେଚ୍ ।

୭୬ ନମ୍ବର୍ ସାଧାରଣତନ୍ତ୍ର ଦିବସ୍ ଆଘୋନୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ବେଲ୍‌ବୁଡ଼େ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଦେଶ୍‌ବାସୀଙ୍କୁ ହାର୍ଦ୍ଦିକ୍ ଅଭିନନ୍ଦନ୍ ଜନାବାର୍ ସହେତେ ଦେଶ୍ ଲାଗି ଜୀବନ୍ ଦେଇଥିବା ବୀର୍ ଯବାନ୍ ମାନ୍‌କୁ ସୁର୍‌ତା କରିଛନ୍ । ଜନମ୍ ମାଏଟ୍‌କେ ବିଦେଶୀ ଶାସନ୍‌ନୁ ମୁକ୍‌ଲାବାର୍ ଲାଗି ବୀର୍ ଯବାନ୍ ମାନେ ସବୁନୁ ବଡ଼ ବଳିଦାନ୍ ଦେଇଥିଲେ ବଲି ରାଷ୍ଟ୍ରପତି କହିଛନ୍ । ଇ ବଛର୍ ଭଗ୍‌ବାନ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ପାଲନ୍ କର୍‌ବାର୍ ବିଷେକେ ନେଇକରି ରାଷ୍ଟ୍ରପତି କହିଛନ, ସେ ହେଉଛନ୍ ଝନେ ଆଗ୍‌ଧାଡ଼ିର୍ ସ୍ୱାଧୀନତା ସଂଗ୍ରାମୀ, ଯାହାଙ୍କର୍ ଭୂମିକାକେ ଜାତୀୟ ଇତିହାସ୍‌ଥି ବଡ଼ ଠାନ୍ ଦିଆଯାଇଛେ । ଇ ଅବ୍‌ସରେ ରାଷ୍ଟ୍ରପତି ମହାତ୍ମାଗାନ୍ଧୀ ରବୀନ୍ଦ୍ର ନାଥ ଟେଗୋର୍ ଆର୍ ବାବା ସାହେବ୍ ଆମ୍ବେଦ୍‌କର୍‌ଙ୍କର୍ ବାଗିର୍ ମହାନ୍ ବ୍ୟକ୍ତିତ୍ୱ ମାନ୍‌କୁ ଭିଲ୍ ମନେ ପକେଇଛନ୍ । ଆମର୍ ସମ୍ବିଧାନ୍ ଗୁଟେ ଜୀବନ୍ତ ଦସ୍ତାବିଜ୍ ହେଇପାରିଛେ । କାଏଁଜେକି ଯୁଗ୍ ଯୁଗ୍ ଧରିକରି ଜୀବନ୍ ଲାଗି ଆମର୍ ନୈତିକ ଦୃଷ୍ଟିକୋଣଥି ନାଗରିକ୍‌ମାନ୍‌କର୍ ଅଖଣ୍ଡତା ଗୁଟେ ମୁଖିଆ ଜିନିଷ୍ ହେଇଛେ ବଲି ରାଷ୍ଟ୍ରପତି ତାଙ୍କର୍ ଅଭିଭାଷଣ୍‌ଥି କହିଛନ୍ ।  ବିଗତ ୭୫ ବଛର୍ ଧରିକରି ସମ୍ବିଧାନ୍ ଆମର୍ ପ୍ରଗତିର୍ ବାଟ୍‌କେ ପ୍ରଶସ୍ତ କରିଛେ ବଲି ସେ କହିଛନ୍ । ଚାଷୀ ଭାଇବହେନ୍‌ମାନେ ପରିଶ୍ରମ୍

କରିକରି ଆମର୍ ଦେଶ୍‌କେ ଖାଦ୍ୟ ଉତ୍ପାଦନ୍‌ଥି ଆତ୍ମନିର୍ଭରଶୀଲ୍ କରିପାରିଛନ୍ ବଲି ରାଷ୍ଟ୍ରପତି କହିଛନ୍ ।
(ଭଏସ୍ ଓଭର୍- ରାଷ୍ଟ୍ରପତି)

ଜାତୀୟ ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହ/ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ନୂଆଦିଲ୍ଲୀର୍ କର୍ତବ୍ୟପଥ ନ ଆଏବାକାଏଲ୍ ହେବାର୍‌କେ ଥିବା ଜାତୀୟ ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପେରେଡ଼୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବେ । ସମ୍ବିଧାନ୍‌ର ୭୫ ବଛର୍ ପୂର୍ତି ଆର୍ ଜନ୍‌ଭାଗିଦାରିତାର୍ ନିଦର୍ଶନ୍ ସ୍ୱରୂପ ନୌସେନା, ବାୟୁସେନା ଆର୍ ସ୍ଥଲ୍‌ସେନା, ଅର୍ଦ୍ଧସାମରିକ୍ ବାହିନୀ, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଭିନ୍ ଭିନ୍ ବର୍ଗର୍ ସାମରିକ୍, ପୁଲିସ୍ ବାହିନୀ ତର୍‌ଫୁ ସମ୍ମିଲିତ୍ ପେରେଡ଼୍ ହେବା । ପରେଡ଼୍‌ଥି ଭିନ୍ ଭିନ୍ ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୩୧ ଟା ପ୍ରଜ୍ଞାପନ୍ ମେଢ଼୍‌ଥି 'ସ୍ୱର୍ଣ୍ଣିମ ଭାରତ୍ ବିରାସତ୍ ଓର୍ ବିକାଶ୍' ର ବାର୍ତା ପ୍ରଦର୍ଶନ୍ କରାଯିବା । ଇତାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ଠାନେ ଜାତୀୟ ଯୁଦ୍ଧସ୍ମାରକୀ ନ ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେବେ । ସମାରୋହଥି ମୁଖ୍ୟଅତିଥି ଭାବେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋ ଯୋଗ୍

ଦେବେ । ସର୍କାର୍ଙ୍କର୍ ଶହେ ୬୦ ଝନ୍ ସେନାକର୍ମୀ ଆର୍ ଶହେ ୯୦ ଝନ୍ ବେଣ୍ଡ କଂଟିଜେଂଟ୍ ପରେଡ୍‌ଥି ଭାଗ୍ ନେବେ ।

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ସମାରୋହ ଭୁବ୍‌ନେଶ୍ୱର୍ ଗାନ୍ଧୀ ମାର୍ଗ ଠାନେ ହେବା । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ପରେଡ୍‌ଥି ଅଭିଭାଦନ୍ ଗ୍ରହଣ୍ କର୍‌ବେ । ଜିଲ୍ଲାସ୍ତର୍‌ଥି ମନ୍ତ୍ରୀ ଆର୍ ଜିଲ୍ଲାପାଲ୍‌ମାନେ ଜାତୀୟ ପତାକା ଉତୋଲନ୍ କର୍‌ବେ ବଲି ସୂଚ୍‌ନା ମିଲିଛେ ।

ସାଧାରଣତନ୍ତ୍ର ଦିବସ୍ ପାଲନ        ଆର୍‌ଏନ୍‌ୟୁ/ କଟକ୍

ସାଧାରଣ ତନ୍ତ୍ର ଦିବସ୍‌କେ ଆଡ଼ମ୍ବର୍ ସହେତେ ପାଲନ୍ କର୍‌ବାର୍ ଲାଗି ପହେଲା ଥର ଓଡ଼ିଶା ଉପକୂଳ ନ ଥିବା ୧୦ ଟା ଦ୍ୱୀପଥି ସାଧାରଣତନ୍ତ୍ର ଦିବସ୍ ପାଲନ୍ କରାଯିବା । ଡିଜିପି-ଆଇଜି ସମ୍ମଲନୀଥି  ପ୍ରଧାନ୍‌ମନ୍ତ୍ରୀ ଇ ବାବ୍‌ଦେ କହେବାର୍ ଉତ୍‌ରୁ କୋଷ୍ଟଗାର୍ଡ଼ ତର୍‌ଫୁ ଇଥିର୍‌ଲାଗି ଜାଗା ବଛାଯାଇଛେ ବଲି ଆଇନ୍ ଶୃଙ୍ଖଲା ଏଡିଜି ସଞ୍ଜୟ କୁମାର୍ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ଇ ଦ୍ୱୀପମାନ୍‌କେ ପୁଲିସ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।

ଜାତୀୟ ସାହସିକତା ଆର୍ ସେବା ପୁରସ୍କାର        I&PR

ସାଧାରଣତନ୍ତ୍ର ଦିବସ୍ ଅବ୍ସରେ ଭିନ୍ ଭିନ୍ ରାଜ୍ୟର୍ ପୁଲିସ୍, ଅଗ୍ନିଶମ ବାହିନୀ, ହୋମ୍ଗାର୍ଡ୍, ଆଉ ସିଭିଲ୍ ଡିଫେନ୍ସ ବାଗିର୍ କ୍ଷେତ୍ର ମାନ୍କେ ଉଲ୍ଲେଖନୀୟ ସେବା ଆର୍ ସାହସିକତା ଲାଗି ଜାତୀୟ ସାହସିକତା ଆର୍ ସେବା ପୁରସ୍କାର୍ ଘୋଷ୍ନା କରାଯାଇଛେ । ଇ ବଛର୍ ଉଲ୍ଲେଖନୀୟ ସେବା ଲାଗି ରାଜ୍ୟର୍ ୧୯ ଝନ୍ ପୁଲିସ୍ ଅଧିକାରୀଙ୍କୁ ସମ୍ମାନ୍ଜନକ୍ ପୁରସ୍କାର୍ ଦିଆଯିବା । ଇ ବାବ୍ଦେ କେନ୍ଦ୍ର ଗୃହମନ୍ତ୍ରଣାଳୟ ତର୍ଫୁ ତାଲିକା ବାହାରିଛେ । ବିଶିଷ୍ଟ ସେବା ଲାଗି ୨ ଝନ୍କୁ ରାଷ୍ଟ୍ରପତି ପଦକ୍, କାର୍ଯ୍ୟକ୍ଷେତ୍ରଥି ସାହସିକତା ଦେଖେଇଥିବାର୍ ଲାଗି ୬ ଝନ୍କୁ ସାହସିକତା ପୁଲିସ୍ ସେବା ପଦକ୍ ଆର୍ ୧୧ ଝନ୍କୁ ଉଲ୍ଲେଖନୀୟ ପୁଲିସ୍ ସେବା ପଦକ୍ ଦିଆଯିବା ।

ଜାତୀୟ ଭୋଟର ଦିବସ ଆର୍ଏନ୍ୟୁ/ କଟକ୍

"ମତଦାନ୍ ବାଗିର୍ ଆଉ କିଛି ନାଇଁନ, ମୁଇଁ ଜରୁର୍ ଭୋଟ୍ ଦେମିଁ" ବାର୍ତା ନେଇକରି ଆଏଜ୍ ସାରା ଦେଶେ ୧୫ ନମ୍ବର୍ ଜାତୀୟ ମତଦାତା ଦିବସ୍ ପାଳିତ୍ ହେଇଯାଇଛେ । ୧୯୫୦ ଜାନୁୟାରୀ ୨୬ ତାରିଖ ଦିନ ଭାରତ୍ ଗୁଟେ ଧର୍ମ ନିରପେକ୍ଷ ସାର୍ବଭୌମ ରାଷ୍ଟ୍ର ଘୋଷିତ୍ ହେଇଥିଲା । ଇତାର୍ ଦିନ୍କର୍ ଆଘୋନୁ ଆଝିର୍ ଦିନେ ଭାରତ୍ର ନିର୍ବାଚନ୍ କମିଶନ୍ ଥାପ୍ନା ହେଇଥିଲା । ଆଝିର୍ ଦିନ୍କେ ସୁର୍ତା କର୍ବାର୍ ଲାଗି ଫି

ବଛର୍ ଜାନୁଆରୀ ୨୫ ତାରିଖ୍‌କେ ଜାତୀୟ ମତଦାତା ଦିବସ୍ ଭାବେ ପାଲନ୍ କରାଯାଉଛେ ।

ନୂଆଦିଲ୍ଲୀ ଠାନେ ହେଇଥିବା ଜାତୀୟ ମତଦାତା କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ଭାରତ୍‌ର ଗଣତନ୍ତ୍ର ପୁର୍‌ଥିର୍ ସବୁନୁ ପୁର୍‌ନା, ବଡ୍ ଆର୍ ବିବିଧତାଥି ଭର୍‌ପୁର୍ ବଲି କହିଛନ୍ । ଆଧୁନିକ୍ ପୁର୍‌ଥି ଲାଗି ଭାରତ୍‌ର ଗଣତନ୍ତ୍ର ଉଲ୍ଲେଖନୀୟ ଆଉ ଅନନ୍ୟ ଉଦାହରଣ୍ ଆର୍ ଦେଶର୍ ନିର୍ବାଚନ୍ ପ୍ରକ୍ରିୟାନୁ ଅଲ୍‌ଗା ରାଷ୍ଟ୍ରମାନେ ଶିକ୍ଷା ନଉନ୍ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମତଦାତା ଦିବସ୍ ଅବ୍‌ସରେ ଦେଶର୍ ନାଗରିକ୍‌ମାନ୍‌କୁ ଯୋଗ୍ ଦେବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଗଣତାନ୍ତ୍ରିକ ମୂଲ୍ୟବୋଧକେ ବଜାୟ ରଖିକରି ଦେଶର୍ ଭବିଷ୍ୟତ୍‌କେ ବର୍‌କସ୍ କର୍‌ବାର୍ ଲାଗି ଶ୍ରୀ ମୋଦୀ କହିଛନ୍ ।

ମତଦାନ୍ ଅଧିକାର୍‌କେ ବେଭାର୍ କରିକରି ଗଣତନ୍ତ୍ରକେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମପାଟି ଜାତୀୟ ଭୋଟର୍ ଦିବସ୍ ଅବ୍‌ସରେ କହିଛନ୍ ।

ଗଣତନ୍ତ୍ରର୍ ମୂଲ୍ୟବୋଧକେ ବଜାୟ ରଖିକରି ମତଦାନ୍ ଲାଗି ଆମର୍ ପ୍ରତିବଦ୍ଧତାକେ କାଏମ୍ ରଖିମା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଫି’ ଭୋଟ୍ ଗଣତନ୍ତ୍ରକେ ସଶକ୍ତ କର୍‌ବାର୍ ସହେତେ ରାଜ୍ୟ ଆର୍ ଦେଶର୍ ଭବିଷ୍ୟତ୍ ଗଠନ୍ କର୍‌ବାର୍ ଲାଗି ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ

କହିଛନ୍ । ଆଝିରର୍ ଦିନେ ଫି’ ଭୋଟ୍ ର ମୂଲ୍ୟ ଆର୍ ଉଜଲ୍ ଭବିଷ୍ୟତ୍ ଗଢ଼୍ବାର୍ ଲାଗି ସବୁ ନାଗରିକ୍ମାନ୍କର୍ ଭୂମିକାକେ ସୋର୍ କରାସି ବଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ।

ଜାତୀୟ ଭୋଟର ଦିବସ

ସମ୍ବଲପୁର/ କଲାହାଣ୍ଡି/ ସୁବର୍ଣ୍ଣପୁର/ ଦେବ୍ଗଡ଼୍/ ବୌଦ୍ଧ

ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ୧୫ ନମ୍ବର୍ ଜାତୀୟ ମତଦାତା ଦିବସ୍ ପାଲନ୍ କରାଯାଇଛେ । ଇ ଅବ୍ସରେ ଜିଲ୍ଲା ପ୍ରେକ୍ଷାଳୟ ନୁ ଗୁଟେ ଜନସଚେତନତା ଶୋଭାଯାତ୍ରା ସହର୍ ବୁଲିଥିଲା ।

କଲାହାଣ୍ଡି ଜିଲ୍ଲାପାଲ୍ଙ୍କର୍ ସଦ୍ଭାବନା ଗୃହ ଠାନେ ମତଦାତା ଦିବସ୍ ପାଲିତ୍ ହେଇଯାଇଛେ । ଇତାର୍ ଆଘୋନୁ ଛାତ୍ରଛାତ୍ରୀ, ଶିକ୍ଷକ୍, କର୍ମଚାରୀ ଆଉ ଗଣମାଧ୍ୟମ୍ ପ୍ରତିନିଧି ମାନ୍କୁ ନେଇକରି ଗୁଟେ ସଚେତନତା ଶୋଭାଯାତ୍ରା କରାହେଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ୧୫ ନମ୍ବର୍ ଜାତୀୟ ମତଦାତା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ଗୁଟେ ଶୋଭାଯାତ୍ରା ସହର୍ ବୁଲିଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜାତୀୟ ମତଦାତା ଦିବସ୍ ଅବ୍‌ସରେ ଯୁବ ଭୋଟର୍‌ମାନ୍‌କୁ ନେଇକରି ଗୁଟେ ସଚେତନତା ଶୋଭାଯାତ୍ରା ସହର୍ ବୁଲିଛେ । କାର୍ଯ୍ୟକ୍ରମ୍‌ଥି ନୂଆଁ ମତଦାତାମାନ୍‌କୁ ଭୋଟର୍ ପରିଚୟ ପତ୍ର ଦିଆଯାଇଛେ ।

ବୌଦ୍ଧ ଜିଲ୍ଲାଥି ଜାତୀୟ ମତଦାତା ଦିବସ୍ ଅବ୍‌ସରେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ମର୍ଜାକୁଦ୍ ଛକ୍‌ଠାନୁ ଟାଉନ୍ ହଲ୍‌ତକ୍ ଯାଇଥିଲା ଆଉ ନୂଆଁ ଭୋଟର୍ ମାନ୍‌କୁ ସ୍ୱାଗତ୍ କରିକରି ଭୋଟର୍ ପରିଚୟ ପତ୍ର ଦିଆଯାଇଥିଲା ।

ଜାତୀୟ ପର୍ଯ୍ୟଟନ୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

'ଅନ୍ତର୍ଭୁକ୍ତି' ଅଭିବୃଦ୍ଧି ଲାଗି ପର୍ଯ୍ୟଟନ୍‌ର ବାର୍ତା ନେଇକରି ଆଏଜ୍ ଜାତୀୟ ପର୍ଯ୍ୟଟନ୍ ଦିବସ୍ ପାଲନ୍ କରାଯାଇଛେ । ଦେଶର୍ ଅର୍ଥ ବ୍ୟବସ୍ଥାର୍ ଉନ୍ନତି ଆର୍ ପର୍ଯ୍ୟଟନ୍‌ର ମହତ୍ୱ ବାବ୍‌ଦେ ସଚେତନ୍ କର୍‌ବାର୍ ଉଦ୍ଦେଶ୍‌ଥି ୧୯୪୮ ମସିହା ନୁ ଫି' ବଛର୍ ଆଝିର୍ ଦିନେ ଜାତୀୟ ପର୍ଯ୍ୟଟନ୍ ଦିବସ୍ ପାଲିତ୍ ହେଇଆସୁଛେ । ପର୍ଯ୍ୟଟନ୍ ଶିଳ୍ପ ଲାଗି ଦେଶର୍ ଲାଖ୍ ଲାଖ୍ ଲୋକ୍ ରୋଜ୍‌ଗାର୍ ପାଏବାର୍ ସହେତେ

ଦେଶର୍ ଆର୍ଥିକ୍ ବ୍ୟବସ୍ଥାକେ ବର୍କସ୍ କର୍ବାର୍ଥି ପର୍ଯ୍ୟଟନ୍ ଶିଳ୍ପ ସାହାଜ୍ କରୁଛେ ।

ସାଧାରଣତନ୍ତ୍ର ଦିବସ ପରେଡ୍ ନିମନ୍ତ୍ରଣ   ଆର୍ଏନ୍ୟୁ /ସମ୍ବଲପୁର

ନୂଆଦିଲ୍ଲୀ ଠାନେ ହେବାର୍କେ ଥିବା ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଯୋଗ୍ ଦେବାର୍କେ ଦେଶର୍ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ କରିଥିବା ଲୁକ୍‌କୁ ନିମନ୍ତ୍ରଣ୍ କରାଯାଇଛେ । ସମାରୋହଥି କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଏନ୍ଏସ୍ଏସ୍ ଛାତ୍ର ରାଜ୍‌ବୀର୍ ବାଗ୍‌ଙ୍କୁ ନିମନ୍ତ୍ରିତ୍ ଅତିଥି ଭାବେ ଯୋଗ୍ ଦେବାର୍କେ ସୁଯୋଗ୍ ମିଲିଛେ । ଇ ବାବ୍‌ଦେ ଏନ୍ଏସ୍ଏସ୍ ଛାତ୍ର ରାଜ୍‌ବୀର୍ ଆକାଶ୍‌ବାଣୀକେ କହିଛନ୍...
(ଭଏସ୍ ଓଭର୍- ରାଜ୍‌ବୀର୍ ବାଗ୍)

ଲାଲ୍‌ମନୀ କ୍ରିକେଟ୍ ଟୁର୍ଣ୍ଣାମେଂଟ            ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍ ଗାନ୍ଧୀ ପଡ଼ିଆ ଠାନେ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ଆଝିର୍ ଖେଲ୍‌ଥି ଭୁବ୍‌ନେଶ୍ୱର୍ ବାପୁଜୀ କ୍ଲବ୍ ଦଲ୍  ଏନ୍‌ସିଏ ଭାଇଜାଗ୍

ଦଲ୍‌କେ ୬ ଓ୍ୱିକେଟ୍‌ଥିି ହରେଇକରି ଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ବାପୁଜୀ କ୍ଲବ୍ ଆର୍ ସୁନ୍ଦର୍‌ଗଡ୍ ନବଜୀବନ୍ କ୍ରିକେଟ୍ କ୍ଲବ୍ ଭିତ୍‌ରେ ଫାଇନାଲ୍ ଖେଲାଯିବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗଥିି ରାଉର୍‌କେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଟିମ୍ ଗୋନାସିକା-ତାମିଲ୍‌ନାଡୁ ଡ୍ରାଗନ୍ସ ୪-୨ ଗୋଲ୍‌ଥିି ହରେଇଛେ । ଏଛେନ୍ ହାଇଦ୍ରାବାଦ୍ ତୋଫାନ୍ସ ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ମେଚ୍ ଚାଲିଛେ ।

ଆଏବା କାଏଲ୍ ମହିଳା ବର୍ଗଥିି ଟାଇଟେଲ୍ ଲାଗି ଓଡ଼ିଶା ଓ୍ୱାରିୟର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ଖେଲ୍ ହେବା ।

ନେସ୍‌ନାଲ୍ ଗେମ୍ସ I&PR

୩୮ ନମ୍ବର୍ ରାଷ୍ଟ୍ରୀୟ କ୍ରୀଡ଼ା ପ୍ରତିଯୋଗିତା ଆଏବା ମଙ୍ଗଲ୍‌ବାର୍‌ନୁ ଫେବୃଆରୀ ୧୪ ତାରିଖ୍‌ତକ୍ ଉତରାଖଣ୍ଡ ଠାନେ ହେବା । ପ୍ରତିଯୋଗିତାଥିି ଓଡ଼ିଶାନୁ ୩ ଶହ ୨ ଝନ୍ ଖେଲାଲୀ ଭାଗ୍ ନେବେ । ଇ ଅବ୍‌ସରେ ଗଲାକାଏଲ୍ କଳିଙ୍ଗ ଷ୍ଟାଡ଼ିୟମ୍

ଠାନେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଖେଳାଳୀ ଆର୍ ସହାୟକ କର୍ମଚାରୀମାନ୍‌କୁ ଭେଟିକରି ଶୁଭେଚ୍ଛା ଜନେଇଥିଲେ ।